ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## 'ମହିଳା ଔଦ୍ୟୋଗିକତାକୁ ପ୍ରୋତ୍ସାହନ' ଶୀର୍ଷକ ଆଲୋଚନା ଚକ୍ର

ଭୁବନେଶ୍ୱର, ୦୨ ଫେବୃଆରୀ, ୨୦୧୯

ଓଡ଼ିଶା ଏମ୍ଏସ୍ଏମ୍ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା–୨୦୧୯ ଅବସରରେ ଆୟୋଜିତ 'ମହିଳା ଔଦ୍ୟୋଗିକତାକୁ ପ୍ରୋତ୍ସାହନ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୩୦୦ ଜଣ ମହିଳା ଉଦ୍ୟୋଗୀ, ରପ୍ତାନିକାରୀ ଓ ଷ୍ଟାର୍ଟଅପ୍ ଯୋଗଦେଇଥିଲେ । ଏହି ଅବସରରେ ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ ଆଣ୍ଡ ମିଡ଼ିୟମ୍ ଏଣ୍ଟରପ୍ରାଇଜେସ୍(ଓଏଏସ୍ଏମ୍ଇ) ଓ ଇରାନ୍‌ର ଖଜାର ଇଲେକ୍ଟ୍ରିକ୍ କମ୍ପାନୀ(କେଇସି) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଯନ୍ତ୍ରପାତି ଉତ୍ପାଦନ କ୍ଷେତ୍ରରେ ସହଯୋଗ ଓ ପ୍ରଯୁକ୍ତି ହସ୍ତାନ୍ତର ଉଦ୍ଦେଶ୍ୟରେ ଏହି ବୁଝାମଣାପତ୍ର ଅଭିପ୍ରେତ ।

ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତା ସୂଚନା ଦେଇଥିଲେ ଯେ ରାଜ୍ୟରେ ପ୍ରାୟ ୪୦ ହଜାର ୮୯୨ଟି ଏମ୍ଏସ୍ଏମ୍ଇ ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ପରିଚାଳିତ ଓ ଏଥିରେ ୧.୫୮ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିଛି । ସେ ଆହୁରି କହିଥିଲେ ଯେ ୨୦୦୮–୦୯ ମସିହାରୁ ଆଦ୍ୟାବଧି ମହିଳାମାନଙ୍କ ମାଲିକାନାରେ ଥିବା ୬୦୩୨ ଅଣୁ ଉଦ୍ୟୋଗକୁ ମାର୍ଜିନ୍ ମନି ଭାବେ ୧୪୨ କୋଟି ଟଙ୍କା ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ଓଡ଼ିଶା ଏମ୍ଏସ୍ଏମ୍ଇ ଓ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତିରେ ୩୮ଟି ମହିଳା ପରିଚାଳିତ ଏମ୍ଏସ୍ଏମ୍ଇକୁ ୪.୫ କୋଟି ଟଙ୍କାର ମୂଳଧନ ନିବେଶ ରିହାତି ପ୍ରଦାନ କରାଯାଇଛି । ଏମ୍ଏସ୍ଏମ୍ଇ ଇକୋ ସିଷ୍ଟମ୍‌ର ସୁବିଧା ନେବା ପାଇଁ ସେ ମହିଳା ଉଦ୍ୟୋଗୀମାନଙ୍କୁ ଆହ୍ୱାନ ଦେଇଥିଲେ । ଋଣ ସଂପର୍କିତ ଅଭିଯୋଗଗୁଡ଼ିକର ସମାଧାନ ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ଆଞ୍ଚଳିକ ଶିଳ୍ପକେନ୍ଦ୍ର ସ୍ତରରେ କରାଯିବ ବୋଲି ମଧ୍ୟ ସେ ଘୋଷଣା କରିଥିଲେ ।

ବୟନ ଓ ହସ୍ତଶିଳ୍ପ କ୍ଷେତ୍ରରେ ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ପ୍ରଭୂତ ସମ୍ଭାବନା ରହିଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା କହିଥିଲେ । ମହିଳା ଉଦ୍ୟୋଗୀମାନେ ଶିକ୍ଷାନୁଷ୍ଠାନମାନଙ୍କୁ ୟୁନିଫର୍ମ ଯୋଗାଣଠାରୁ ଆରମ୍ଭ କରି ଇନ୍‌କ୍ୟୁବେସନ୍ କେନ୍ଦ୍ରରେ ତାଲିମ ସୁଯୋଗ ଯଥା–ସିଲେଇଠାରୁ ବିପଣନ ପର୍ଯ୍ୟନ୍ତ ଥିବା ସୁବିଧାକୁ ହାସଲ କରିବା ଉଚିତ ବୋଲି ସେ କହିଥିଲେ । ପାରମ୍ପାରିକ ହସ୍ତଶିଳ୍ପରେ ନବପ୍ରବର୍ତ୍ତନ ଚିନ୍ତନକୁ ମିଶ୍ରଣ କରିବା ଉପରେ ସେ ଗୁରୁତ୍ୱ ଦେବା ସହ ବୟନିକାର ଅଂଶୀଦାର ହେବାକୁ ମହିଳା ଡିଜାଇନରମାନଙ୍କୁ ଆହ୍ୱାନ ଦେଇଥିଲେ ।

ମିଶନ ଶକ୍ତିର କମିଶନର ତଥା ନିର୍ଦ୍ଦେଶିକା ଶ୍ରୀମତୀ ସୁଜାତା କାର୍ତ୍ତିକେୟନ୍ ମହିଳା ସ୍ୱୟଂ ସହାୟକ ଦଳଗୁଡ଼ିକର ସଫଳ କାହାଣୀ ବର୍ଣ୍ଣନା କରିଥିଲେ । ସେ ସୂଚନା ଦେଇଥିଲେ ଯେ ଓଡ଼ିଶାରେ ମିଶନ ଶକ୍ତି ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଓ ୭୦ ଲକ୍ଷ ମହିଳାଙ୍କୁ ନେଇ ପରିପୁଷ୍ଟ । ଓଡ଼ିଶାରେ ସ୍ୱୟଂ ସହାୟକ

ଗୋଷ୍ଠୀମାନେ ବ୍ୟାଙ୍କରେ ୫ ହଜାର କୋଟି ଟଙ୍କା ଜମା ରଖିଛନ୍ତି । ମିଶନ ଶକ୍ତି ଅନ୍ତର୍ଗତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା –ମଧ୍ୟାହ୍ନ ଭୋଜନ, ଛତୁଆ, ବିଦ୍ୟୁତ ମିଟର ରିଡିଂ, ଗାଡ଼ି ଚାଳନାରେ ମଧ୍ୟ ସାମିଲ ହୋଇଛନ୍ତି ବୋଲି ସେ କହିଥିଲେ । ଏମ୍‌ଏସ୍‌ଏମ୍‌ଇମାନେ ମହିଳା ସ୍ୱୟଂ ସହାୟକ ଦଳଗୁଡ଼ିକର ଏଗ୍ରିଗେଟର ଓ ମେଣ୍ଟର ଭୂମିକା ତୁଲାଇବା ପାଇଁ ସେ ଆହ୍ୱାନ ଦେଇଥିଲେ ।

ଓର୍‌ମାସର ଉପନିର୍ଦ୍ଦେଶକ ଶ୍ରୀ ସୁଜୟ କର ସୂଚନା ଦେଇଥିଲେ ଯେ ସଂପ୍ରତି ୮୧୨ଟି ଉତ୍ପାଦକ ଗୋଷ୍ଠୀ ଓର୍‌ମାସ୍ ସହାୟତାରେ କାର୍ଯ୍ୟ କରୁଛନ୍ତି । ମହିଳାଙ୍କ ମାଲିକାନାରେ ଥିବା ଉଦ୍ୟୋଗଗୁଡ଼ିକ ଉତ୍ତମ ବିପଣନ ସହିତ ବଜାରରେ ତିଷ୍ଠି ରହିବା ପାଇଁ ସେମାନଙ୍କ ଉତ୍ପାଦକୁ ମୂଲ୍ୟଯୁକ୍ତ, ସୁଦୃଶ୍ୟ ପ୍ୟାକେଜିଂ, ପଶ୍ଚାତ ଓ ଅଗ୍ର ସଂଯୋଗ କରିବା ଆବଶ୍ୟକ ।

ରିମ୍‌ଲିସ୍ ଡିଜାଇନ୍ ଷ୍ଟୁଡିଓର ପ୍ରତିଷ୍ଠାତ୍ରୀ ରିମ୍‌ଲି ମହାନ୍ତି ନିଜର ଅନୁଭୂତି ବର୍ଣ୍ଣନା କରିବା ସହିତ ବ୍ରାଣ୍ଡ ସୃଷ୍ଟି ଓ ବିପଣନ, ଗ୍ରାହକ ତୁଷ୍ଟୀକରଣ ସହିତ ଗ୍ରାହକସେବା ଉପରେ କହିଥିଲେ । ଲୁମିନସ୍ ଇନ୍‌ଫୋୱେଜ୍‌ର ପରିଚାଳନା ନିର୍ଦ୍ଦେଶିକା ଜୟଶ୍ରୀ ମହାନ୍ତି ମହିଳା ଉଦ୍ୟୋଗୀମାନଙ୍କୁ ନିଜର ଏକ ସ୍ୱତନ୍ତ୍ର ବ୍ରାଣ୍ଡ ସୃଷ୍ଟି କରିବା ସହିତ ଷ୍ଟାର୍ଟଅପ୍‌ରୁ ଏମ୍‌ଏସ୍‌ଏମ୍‌ଇକୁ ରୂପାନ୍ତରିତ ହେବାକୁ ଆହ୍ୱାନ ଦେଇଥିଲେ । ଓଏଏସ୍‌ଏମ୍‌ଇର ମହିଳା ଶାଖାର ଅଧ୍ୟକ୍ଷା ଜେ.ଏମ୍. ମହାନ୍ତି ମହିଳା ଉଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଯଥା–ସହପାର୍ଶ୍ୱିକର ଅଭାବ ସହିତ ବିପଣନ, ଅର୍ଥ, ଗୁଣବତ୍ତା ଓ ମାନ ସମ୍ବନ୍ଧୀୟ ଜ୍ଞାନର ଅଭାବ ସଂପର୍କରେ ଆଲୋଚନା କରି ଏ ଦିଗରେ ସରକାରୀ ସହାୟତା ଲୋଡ଼ିଥିଲେ ।

ବସନ୍ତ କୁମାର ମହାନ୍ତି
ସୂଚନା ଅଧିକାରୀ